# Akashvani, Sambalpur

# SAMBALPURI NEWS BULLETIN

## 30 September 2024- 6.47- 6.52 am.

************************************************

ମନ୍ କି ବାତ୍         ଆର୍‌ଏନ୍‌ୟୁ/ କଟକ୍

ମେକ୍ ଇନ୍ ଇଣ୍ଡିଆ ଅଭିଯାନ୍ ଭାରତ୍‌କେ ପୁର୍‌ଥି ନ ଉତ୍ପାଦନ୍ ଆଉ ପ୍ରସ୍ତୁତି କ୍ଷେତ୍ରଥି ଗୁଟେ ସ୍ୱତନ୍ତ୍ର ଜାଗା ଦେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆକାଶ୍‌ବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଗଲାକାଏଲ୍ ପ୍ରଧାନ୍‌ମନ୍ତ୍ରୀ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କରିକରି କହିଛନ୍ ଯେ, ସମାଜ୍‌ର ଆର୍ଥିକ ଦୁର୍ବଲ୍ ବର୍ଗ, ମଧ୍ୟବିତ ଆଉ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ମେକ୍ ଇନ୍ ଇଣ୍ଡିଆ ଅଭିଯାନ୍ ଜରିଏ ବହୁତ୍‌ଟେ ଲାଭ୍ ପାଇଛେ ।  ସେନ୍ତା ମୟୁର୍‌ଭଞ୍ଜ୍ ନିବାସୀ ରାମ୍‌ଜିତ୍ ଟୁଡୁ ଅନ୍‌ଲାଇନ୍ ଜରିଏ ସାନ୍ତାଳି ଭାଷାର୍ ପ୍ରଚାର୍ ଆର୍ ପ୍ରସାର୍ ଉପ୍‌ରେ ନେଉଥିବା ପଦକ୍ଷେପ୍‌ର ପ୍ରଧାନ୍‌ମନ୍ତ୍ରୀ ଉଚ୍ଚପ୍ରଶଂସା କରିଛନ୍ ।

ମୁଖ୍ୟମନ୍ତ୍ରୀ -ଝାର୍‌ଖଣ୍ଡ ଗସ୍ତ          ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍‌ଠାନୁ ୨ ଦିନିଆ ଝାର୍‌ଖଣ୍ଡ୍ ଗସ୍ତ୍ ନ ଯାଉଛନ୍ । ମୁଖ୍ୟମନ୍ତ୍ରୀ ସଖାଲର୍ ୯ ବାଜିକରି ୪୦ ମିନିଟ୍‌ଥି ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍‌ନୁ ବାହାରିକରି ରାଂଚି ଯିବେ । ସେନୁ ହେଲିକେପ୍ଟର୍ ଜରିଏ ପଶ୍ଚିମ ସିଂହଭୂମ୍ ନ ପୁହୁଁଚିବେ । ଆଏଜ୍ ଦିନର୍ ୧ ବଜେ ଜମାଣି ମଇଦାନ୍ ନ ପରିବର୍ତନ୍ ସଭାଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେବେ । ଇତାର୍ ଉତ୍‌ରୁ ଉପର୍‌ବେଲା ୩ ବଜେ ମାଝଗାଓଁ ସ୍କୁଲ୍ ପଡ଼ିଆ ନ ସଭାକେ ଭିଲ୍ ସମ୍ୱୋଧିତ୍ କର୍‌ବେ । ଆଏବା କାଏଲ୍ ମୁଖ୍ୟମନ୍ତ୍ରୀ ଚାଇବସା ନ ଗୁଟେ ଜନସଭାକେ ସମ୍ୱୋଧନ୍ କର୍‌ବେ । ଇତାର୍ ଉତ୍‌ରୁ ଉପର୍‌ବେଲା ୪ ବଜେ ରାଂଚିନୁ ବାହାରିକରି ଭୁବ୍‌ନେଶ୍ୱର୍ ଫିର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଆଇପିଏସ୍ ସ୍ତର୍‌ଥି ଅଦଲ୍‌ବଦଲ ଆର୍‌ଏନ୍‌ୟୁ /ସମ୍ୱଲପୁର

ରାଜ୍ୟ ସର୍‌କାର୍ ଆଇପିଏସ୍ ସ୍ତର୍‌ଥି ବଡ଼ଧରଣ୍‌ର ଅଦଲ୍‌ବଦଲ୍ କରିଛନ୍ । ୪୯ ଝନ୍ ଆଇପିଏସ୍‌ଙ୍କର୍ ଅଦଲ୍‌ବଦଲ୍ ସାଙ୍ଗେ ୫ ଝନ୍ ଓପିଏସ୍‌ଙ୍କୁ ଜିଲ୍ଲା ନ ଏସ୍.ପି. ଭାବେ ନୂଆଁ ନିଯୁକ୍ତି ମିଲିଛେ ।

ଇ ୫ ଝନ୍‌କୁ ମିଶେଇକରି ୨୨ ଟା ଜିଲ୍ଲା ନ ନୂଆଁ ଏସ୍.ପି. ଙ୍କୁ ଦାୟିତ୍ୱ ଦିଆଯାଇଛେ । ଇ ନେଇ ଗୃହ ବିଭାଗ୍ ତରଫ୍‌ରୁ ଗଲାକାଏଲ୍ ବିଜ୍ଞପ୍ତି ବାହାରିଛେ । ଭୁବ୍‌ନେଶ୍ୱର, କଟକ୍ ପୁଲିସ୍ କମିଶନର୍ ଭାବେ ସୁରେଶ୍ ଦେବଦତ ସିଂଙ୍କୁ ଦାୟିତ୍ୱ ଦିଆଯାଇଥିବାର୍ ବେଲେ ଭୁବ୍‌ନେଶ୍ୱର୍‌ର ନୂଆଁ ଡିସିପି ଭାବେ ପୁରୀ ଏସ୍.ପି ଥିବା ପିନାକ ମିଶ୍ରଙ୍କୁ ଦାୟିତ୍ୱ ମିଲିଛେ । ସୋନ୍‌ପୁର୍ ଏସ୍.ପି. ଭାବେ ରାମ୍‌ପ୍ରସାଦ୍ ସାହୁ, ଦେବ୍‌ଗଡ଼୍ ଏସ୍.ପି. ଅନୀଲ୍ କୁମାର୍ ମିଶ୍ର, ବୌଦ୍ଧ ଏସ୍.ପି. ନାଗରାଜ୍ ଦେବେରାକୋଣ୍ଡା, ରାଉର୍‌କେଲା ଏସ୍.ପି. ଭାବେ ନିତେଶ୍ ୱାଡ୍‌ୱାନୀଙ୍କୁ ଦାୟିତ୍ୱ ଦିଆଯାଇଛେ ।

କେନ୍ଦ୍ରମନ୍ତ୍ରୀ- ଧନ୍ୟବାଦ୍          ଆର୍‌ଏନ୍‌ୟୁ / ସମ୍ବଲପୁର

ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ୧୦ ବଛର୍ ପୂର୍ତିର୍ ବିଶେଷ୍ ସଂସ୍କରଣ୍‌ଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ମାତୃଭାଷା, ଲିପି ଆର୍ କଥିତ ଭାଷା ଉପ୍‌ରେ ଚର୍ଚ୍ଚା କରିଛନ୍ । ଜନଜାତି ସମୁଦାୟଙ୍କର କଥିତ ଭାଷା ସାନ୍ତାଳିର ପ୍ରଚାର୍ ପ୍ରସାର୍ କରୁଥିବା ମୟୁର୍‌ଭଞ୍ଜ୍ ଜିଲ୍ଲାର୍ ରାମ୍‌ଜିତ୍ ଟୁଡୁଙ୍କର୍ ବିଷେ ଆଲୋଚନା କରିଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍

କୃତଜ୍ଞତା ଜନେଇଛନ୍ । ସାନ୍ତାଳି ଭାଷାର୍ ଲିପି ଅଲ୍‌ଚିକି ଥି ମୋବାଇଲ୍ ଟାଇପ୍ କର୍‌ବାର୍ କୌଶଲ୍‌କେ ବିକଶିତ୍ କରିଥିବାର୍‌ନୁ କେନ୍ଦ୍ରମନ୍ତ୍ରୀ- ରାମ୍‌ଜିତ୍‌ଙ୍କୁ ଧନ୍ୟବାଦ୍ ଦେଇଛନ୍ ।

ସମବାୟ ସମିତି ବୈଠକ୍       ଆର୍‌ଏନ୍‌ୟୁ / ସମ୍ବଲପୁର

ସମବାୟ ସମିତିର୍ ସଶକ୍ତିକରଣ୍ ଲାଗି ଦୁଇ ଦିନିଆ ଜାତୀୟସ୍ତରୀୟ ସମୀକ୍ଷା ବୈଠକ୍ ଆଏଜ୍‌ଠାନୁ ଭୁବ୍‌ନେଶ୍ୱର୍ ନ ହେବା । ଇ ବୈଠକ୍‌କେ କେନ୍ଦ୍ର ସମବାୟ ମନ୍ତ୍ରଣାଳୟ ଶାସନ୍ ସଚିବ ଆଶିଷ୍ ଭୁଟାନୀ ମୁଖ୍ୟଅତିଥି ଆଉ ଓଡ଼ିଶାର୍ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ସମ୍ମାନିତ ଅତିଥି ଭାବେ ଯୋଗ୍ ଦେଇକରି ଉଦ୍‌ଘାଟନ୍ କର୍‌ବେ । ଇଥି ଦେଶର୍ ସବୁ ରାଜ୍ୟ ଆଉ ୪ ଟା କେନ୍ଦ୍ରଶାସିତ୍ ଅଂଚଲ୍‌ର ପ୍ରତିନିଧିମାନେ ଯୋଗ୍ ଦେବେ । ଦେଶେ ୨ ଲାଖ୍ ନୂଆଁ ଆଦର୍ଶ ପ୍ରାଥମିକ କୃଷି ସମବାୟ ସମିତି, ପ୍ରାଥମିକ ଦୁଗ୍ଧ ଉତ୍ପାଦନ୍ ଆର୍ ମତ୍ସ୍ୟ ସମବାୟ ସମିତି ଗଠନ୍ ଉପ୍‌ରେ ବୈଠକ୍‌ଥି ଆଲୋଚନା ହେବା ।

ଆନ୍ତର୍ଜାତିକ ଅନୁବାଦ୍ ଦିବସ        ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଆନ୍ତର୍ଜାତିକ ଅନୁବାଦ୍ ଦିବସ୍ । ଅନୁବାଦକ ଆଉ ଭାଷାବିତ୍ ମାନ୍‌କର୍ ଅମୂଲ୍ୟ ଯୋଗଦାନ୍ ଲାଗି ଫି ବଛର୍ ସେପ୍ଟେମ୍ବର୍ ୩୦ ତାରିଖ୍‌କେ ଅନୁବାଦ୍ ଦିବସ୍ ଭାବେ ପାଲନ୍ କରାଯାଏସି । ଅନୁବାଦକ୍ ମାନେ ଆନ୍ତଃସାଂସ୍କୃତିକ ବାର୍ତାକେ ସୁବିଧାଜନକ୍ କର୍‌ବାର୍ ଆଉ ବୈଶ୍ୱିକ ବିକାଶ୍‌ଥି ଯୋଗଦାନ୍ ଦେବାର୍‌ଥି ବିଶ୍ୱ ଶାନ୍ତିକେ ତହଁକାବାର୍ ଲାଗି ମହତ୍ୱପୂର୍ଣ୍ଣ ଭୂମିକା ନେଉଛନ୍ । ଇ ବଛ୍‌ରର୍ ଅନୁବାଦ୍ ଦିବସ୍‌ର ବାର୍ତା ହେଉଛେ 'ଅନୁବାଦ- ସଂରକ୍ଷଣର ଗୁଟେ କଳା ଆଉ ସ୍ୱଦେଶୀ ଭାଷା ଲାଗି ନୈତିକ ଆଉ ଭୌତିକ ଅଧିକାର୍' ।

ଯୁକ୍ତ ୩ କ୍ଲାସ୍-ପରିବେଶ ଶିକ୍ଷା ଆର୍‌ଏନ୍‌ୟୁ /ସମ୍ବଲପୁର

ଯୁକ୍ତ ୩ କ୍ଲାସ୍‌ଥି ପରିବେଶ ଶିକ୍ଷା ପଢ଼ାଯିବା । ଇଥିର୍‌ଲାଗି ତିଆର୍ ହେଇଥିବା କରିକୁଲମ୍ ଫ୍ରେମ୍‌ୱାର୍କକେ ଲାଗୁ କରାଯିବା । ଇଟାକେ ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ- ୟୁଜିସି ତର୍‌ଫୁ ସବୁ ବିଶ୍ୱବିଦ୍ୟାଳୟର୍ କୁଳପତି ଆର୍ କଲେଜ୍ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛେ । ଇଥି କୁହାଯାଇଛେ ଯେ, ଯୁକ୍ତ ୩ ଥି ପରିବେଶ ଶିକ୍ଷା ପାଠ୍ୟକ୍ରମ୍ ଲାଗି ୟୁଜିସିର ମାର୍ଗଦର୍ଶିକା ଆର୍

କରିକୁଲମ୍ ଫ୍ରେମ୍ ୱ୍ୱାର୍କ କରାଯାଇଛେ । ଇତାକେ ଗଲାବଛର୍ ଜୁନ୍ ୫ ତାରିଖ୍ ଦିନ ଶୁଭାରମ୍ଭ କରାଯାଇଥିଲା । ଇ ପାଠ୍ୟକ୍ରମ୍‌ଥି ଜଳବାୟୁ ପରିବର୍ତନ୍, ବର୍ଜ୍ୟବସ୍ତୁ ପରିଚାଳନା, ଜୈବ ବିବିଧତା, ସଂରକ୍ଷଣ୍, ସାମଗ୍ରୀକ ବିକାଶ୍ ବାଗିର୍ ଭିନ୍ ଭିନ୍ ଜଟିଳ ସମସ୍ୟା ଉପ୍‌ରେ ଛାତ୍ରଛାତ୍ରୀମାନେ ପଢ଼୍‌ବେ ।

ଦୁର୍ଗାପୂଜା-ଶାନ୍ତି କମିଟି ବୈଠକ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସହର୍ ନ ହେବାର୍‌କେ ଥିବା ଦୁର୍ଗାପୂଜା ନେଇକରି ଶାନ୍ତି କମିଟି ବୈଠକ୍ ଗଲାକାଏଲ୍ ହେଇଯାଇଛେ । ବୈଠକ୍‌ଥି ଏସ୍‌ଡିପିଓ ଅରୁଣ୍ ଅଭିଷେକ୍ ବେହେରା ଅଧ୍ୟକ୍ଷତା କରିଥିଲେ । ଆଏବା ମହାଳୟା ନୁ ବିଜୟାଦଶମୀ ତକ୍ ପାର୍ବଣ ହେବାର୍‌କେ ଥିବାର୍ ବେଲେ ହଜାର୍ ହଜାର୍ ଲୁକ୍‌କର୍ ଭିଡ଼୍‌କେ ନଜର୍‌ଥି ରଖିକରି ସହର୍ ନ ଶାନ୍ତିଶୃଙ୍ଖଳା ବଜାୟ ରଖିବାର୍ ଉପ୍‌ରେ ଆଲୋଚନା ହେଇଥିଲା ।

କନିଷ୍ଠ ମହିଳା ସନ୍ତରଣ ପ୍ରତିଯୋଗିତା ଆର୍‌ଏନ୍‌ୟୁ /ସମ୍ବଲପୁର

ଭାରତୀୟ ଖେଲ୍ ପ୍ରାଧିକରଣ୍ ଆଉ ଓଡ଼ିଶା ରାଜ୍ୟ ସନ୍ତରଣ୍ ସଂଘ ତର୍ଫୁଁ ସମ୍ବଲ୍ପୁର୍ ସହରର୍ ଡାକ୍ତର୍ ଝସ୍କେତନ୍ ସାହୁ ସନ୍ତରଣାଗାର ନ ଚାଲିଥିବା ୨ ଦିନିଆ ଖେଲୋ ଇଣ୍ଡିଆ କନିଷ୍ଠ ମହିଲା ସନ୍ତରଣ ପ୍ରତିଯୋଗିତା ଗଲାକାଏଲ୍ ଉଦ୍ଯାପିତ୍ ହେଇଛେ । ଇ ପ୍ରତିଯୋଗିତାଥି ବିହାର୍, ଛତିଶ୍ଗଡ଼୍, ଝାର୍ଖଣ୍ଡ୍, ମଧପ୍ରଦେଶ୍ ଆର୍ ଓଡ଼ିଶାର୍ ୮୪ ଝନ୍ ପ୍ରତିଯୋଗୀ ଅଂଶଗ୍ରହଣ୍ କରିଥିଲେ । ପ୍ରତିଯୋଗିତାଥି ଓଡ଼ିଶାର୍ ଖେଲାଲୀମାନେ ୧୪ ଟା ସ୍ୱର୍ଣ୍ଣପଦକ୍  ସଙ୍ଗେ ମୋଟ୍ ୩୯ ଟା ପଦକ୍ ଜିତିକରି ଦଲଗତ ଭାବେ ଚମ୍ପିଆନ୍ ହେଇଛନ୍ ।